## DAV PUBLIC SCHOOLS, POKHARIPUT, BBSR
## SAMPLE QUESTION PAPER FOR HALF YEARLY EXAM, 2022-23

- Please check that this question paper contains **3** printed pages.
- Check that this question paper contains **11** questions.
- Additional question no **11** will be given for book bonus.
- For the Good Reader Bonus, question will be made from books recommended by your school.
- Write down the Serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

## CLASS -VI
## SUBJECT – LOWER ODIA

**TIME- 3 Hours** **Maximum Marks -80+(04)**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ଏହି ପ୍ରଶ୍ନପତ୍ରରେ**(କ,ଖ,ଗ,ଘ,ଙ)**ଭଳି**୫ଟି ବିଭାଗରେ ୧ ୧ଟି** ମୁଦ୍ରିତ ପ୍ରଶ୍ନ ରହିଛି ।
- **(ଙ)** ବିଭାଗରେ **୧ ୧ ନମ୍ବର ପ୍ରଶ୍ନ ଉତ୍ତମ ପାଠକ ବୋନସ୍** ନିମନ୍ତେ ନିଜ ବିଦ୍ୟାଳୟରୁ ପ୍ରସ୍ତାବିତ ପୁସ୍ତକରୁ ପ୍ରଶ୍ନପ୍ରଦାନ କରାଯିବ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ପୂର୍ବରୁ ଉତ୍ତର ଖାତାରେ ସେହି ପ୍ରଶ୍ନର କ୍ରମିକ ସଂଖ୍ୟା ଲେଖ ।
- ଅକ୍ଷରଗୁଡ଼ିକ ପରିଷ୍କାର ଓ ସୁନ୍ଦରଭାବରେ ଲେଖ ।
- ଗୋଟିଏ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟପ୍ରଶ୍ନର ଉତ୍ତର ଲେଖ ।

### 'କ' ବିଭାଗ (୧୦)

**1. ନିମ୍ନଲିଖିତ ଅନୁଚ୍ଛେଦଟିକୁ ପଢ଼ି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(5×2 = 10)**

ଗୋଲୋକବିହାରୀ ଧଳ ଆମେରିକା ପରିବାରରେ ରହିବାର ଶେଷ କେତେ ଦିନ ଜଣେ ବିଶିଷ୍ଟ ପତ୍ରିକା-ସମ୍ପାଦକଙ୍କ ଘରେ ରହିଥିଲି । ତାଙ୍କ ନାଁ ହାୱାଡ଼୍ ବ୍ରୁବେକର୍ । ତାଙ୍କର ଗୋଟିଏ ମାତ୍ର ପୁଅ ଡେଭିଡ୍ । ସେ ଗ୍ରୀଷ୍ମ ଛୁଟି କଟାଇବା ପାଇଁ ଗୋଟାଏ ବଡ଼ ପାହାଡ଼ ଦେହରେ ଗୋଟିଏ କୋଠାରେ ରହୁଥିଲେ । ଜାଗାଟିର ନାଁ ନିଉପ୍ରେଷ୍ଟନ । ଏ ପର୍ଯ୍ୟନ୍ତ ଯେତେ ପରିବାରରେ ରହିଥିଲି , ଏମିତି ବେପରୁଆ ଭାବରେ ବା ବିଶେଷ ମଉଜିରେ କେଉଁଠି ନଥିଲି । କାରଣ ସେମାନେ ଖାଲି ମଉଜ କରିବା ପାଇଁ ସେଠାରେ ରହୁଥିଲେ । ପହିଲି କଥା ମୋତେ ରୋଷେଇବାସରେ ମାମୁଲି ସାହାଯ୍ୟ ଛଡ଼ା ଆଉ କିଛି କରିବାକୁ ପଡୁନଥିଲା । ଘରର ଅନ୍ୟାନ୍ୟ ଯାବତୀୟ କାମ ମା' ପୁଅ ଦୁହେଁ କରିଦେଉଥିଲେ । କାହିଁକି କେଜାଣି , ସେ ପରିବାରରେ ମୋତେ ସବୁଠୁ ବେଶୀ ଆଦର ମିଳିଲା । ମା' ସବୁବେଳେ କହନ୍ତି , "ଗୋଲୋକ , ତମେ ମୋର ବଡ଼ପୁଅ , ଡେଭିଡ୍ ସାନପୁଅ । ତମେ ତାକୁ ସାନଭାଇ ଭଳି ଦେଖିବ ।" ସେହି ପରିବାର ଛାଡ଼ିଲାବେଳେ ମା' କାନ୍ଦିଲେ । ଏବେ ବି ଲେଖିଛନ୍ତି ଯେ , ତୁମେ ଆମ ପରିବାର ଜୀବନରେ ଗୋଟିଏ ଥାନ ଖାଲି କରିଦେଇ ଯାଇଛି ।

**ପ୍ରଶ୍ନାବଳୀ :-**

**(କ)** ଗୋଲୋକବିହାରୀ ଧଳ ନିଉପ୍ରେଷ୍ଟନରେ କାହିଁକି ମଉଜରେ ରହିଥିଲେ ବୋଲି କହିଲେ ?

**(ଖ)** ମା' ସବୁବେଳେ କ'ଣ କୁହନ୍ତି ?

**(ଗ)** ଗୋଲୋକବିହାରୀ ଧଳ ଆମେରିକା ପରିବାରରେ ଶେଷ କେତେ ଦିନ କାହା ଘରେ ରହିଥିଲେ ?

**(ଘ)** ଘରର ସମସ୍ତ କାମ କିଏ କରୁଥିଲେ ?

**(ଙ)** ଡେଭିଡ୍ ଗ୍ରୀଷ୍ମଛୁଟି କାଟିବା ପାଇଁ କେଉଁଠାରେ ରହୁଥିଲେ ?

**'ଖ' ବିଭାଗ (୧୫)**

**2. ଯେ କୌଣସି ଗୋଟିଏ ବିଷୟରେ ଅନୁଚ୍ଛେଦ ଲେଖ ।** **(1×8 = 8)**

ଶୀତଋତୁ , ଆମ ରାଜ୍ୟ ଓଡ଼ିଶା

**3.** ତୁମ ବିଦ୍ୟାଳୟରେ ଗୁରୁଦିବସ କିପରି ପାଳନ କରାଗଲା ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

**କିମ୍ବା** **(1×7 = 7)**

ବିଦ୍ୟାଳୟରୁ ଯାଇଥିବା କୌଣସି ଏକ ଦର୍ଶନୀୟ ସ୍ଥାନ ବିଷୟରେ ବର୍ଣ୍ଣନା କରି ଅଜାଙ୍କ ନିକଟକୁ ଏକ ପତ୍ର ଲେଖ ।

**'ଗ' ବିଭାଗ (୨୫)**

**4. (କ) ନିମ୍ନ ଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖ ।(୪ଟି)** **(4×1 = 4)**

ଲବେ , ମଧୁମକ୍ଷିକା ,ପାଏ , ଅଳସୀ

**(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖ । (୪ଟି)** **(4×1 = 4)**

ନୂତନ , ମନ୍ଦ , ଯୋଗ୍ୟ , ସାଧାରଣ

**5 . (କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ । (୪ଟି)** **(4×1 = 4)**

ଧରା , ସାଗର , ମଣିଷ, ଚଢ଼େଇ

**(ଖ) ପଠିତ ବିଷୟ ଆଧାରରେ ଶୂନ୍ୟସ୍ଥାନ ପୂରଣ କର । (୪ଟି)** **(4×1 = 4)**

(i) କେତେ ------------ ସେ ଯେ ଦେଖିଛି ଆମ୍ବର ।

**(ii)** ନ ଫଳୁ ପଛେ ଏ ଗଛେ ମିଠାମିଠା ଫଳ , ---------- ବାଟୋଇ ତ ବସେ ଏହା ତଳ ।

**(iii)** ଉତ୍କଳ ଟ୍ୟାନେରିରେ ଓଡ଼ିଆ କାରିଗରମାନେ ---------- ତିଆରି କରୁଥିଲେ ।

**(iv)** ଗାଁ ମଝିରେ ଗୋଟିଏ ବଡ଼ ଗଛତଳେ ---------------------।

**6. (କ) 'କ'ସ୍ତମ୍ଭ ଶବ୍ଦ ସହିତ 'ଖ' ସ୍ତମ୍ଭର ଶବ୍ଦକୁ ଯୋଗ କରି ନୂଆ ଶବ୍ଦ ତିଆରି କର ।** **(5×1 = 5)**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| i. ବାହୁଡ଼ଇ | ମୁଣ୍ଡ |
| ii.ଦାରୁଣ | ନୟନ |
| iii. ଝାଟିମାଟି | ଘରେ |
| iv.ମୁଦଇ | ଅଭାବ |
| v. ନୁଖୁରା | ଘର |

**(ଖ) ନିମ୍ନଲିଖିତ ଶବ୍ଦଗୁଡ଼ିକର ରୂପ ପରିବର୍ତ୍ତନ କରି ଲେଖ ।(୪ଟିର)** **(4×1 = 4)**

ପାଳନ , ଚିତ୍ରଣ , ଉପସ୍ଥାନ , ଘୋଷଣା

## ‘ଘ’ ବିଭାଗ (୩୦)

**7. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ । (୬ଟିରୁ ୫ଟି)** **(5×2 = 10)**

(କ) ଦୟାମୟଙ୍କ ଚର କହିଲେ କ'ଣ ବୁଝାଯାଏ ?

(ଖ) ଜଙ୍ଗଲ କିପରି ଲୋକମାନଙ୍କର ଉପକାର କରୁଛି ?

(ଗ) ‘ଆସଇ ରଜନୀ ରାଣୀ ଧରି କଳାବେଶ’ ଏକଥା କହିବାର ଅର୍ଥ କ'ଣ ?

(ଘ) ସବୁବେଳେ ଚାଷୀ କାହିଁକି ଆନନ୍ଦରେ ଘରକୁ ଫେରେ ବୋଲି କୁହାଯାଇଛି ?

(ଙ) ଗଛଠାରୁ ଆମେ କ'ଣ କ'ଣ ପାଇଥାଉ ?

(ଚ) ପିଲାଟି ବାଲ୍ୟକାଳରେ ଗଛମୂଳେ ବସି କଅଣ କରୁଥିଲା ?

**8. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ । (୫ଟିର)** **(5×2 = 10)**

(କ) ମଧୁବାବୁ ସୁଦାମ ଉପରେ କାହିଁକି ରାଗିଲେ ?

(ଖ) ମଧୁବାବୁଙ୍କର ଅଭାବ ଘଟିଲା କାହିଁକି ?

(ଗ) ଅର୍ଥ ଲୋଭରେ ଶଠ ବ୍ୟକ୍ତି ଦୁଇଜଣ ରାଜାଙ୍କୁ କ'ଣ କହିଲେ ?

(ଘ) ରାଜା କାହିଁକି ସାବାସ୍ ସାବାସ୍ କହିଲେ ?

(ଙ) ବଣ୍ଡା ଲୋକଙ୍କର ଘରଗୁଡ଼ିକ କିପରି ?

**9. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ବନ୍ଧନୀ ମଧ୍ୟରୁ ବାଛି ଲେଖ ।** **(5×1 = 05)**

(କ) ଦିନ ଶେଷ ହେବାର ସୂଚନା କେଉଁଥିରୁ ମିଳିଥାଏ ?

(ସୂର୍ଯ୍ୟ ଉଦୟ ହେଲେ , ଦିନ ମଧ୍ୟାହ୍ନ ହେଲେ , ସୂର୍ଯ୍ୟ ଅସ୍ତହେଲେ , କୃଷକ କ୍ଷେତକୁ ବାହାରିଲେ )

(ଖ) ଗଛଟିକୁ କିଏ ଲଗାଇଛି ବୋଲି ପିଲାଟି କହିଛି ?

(ସାଙ୍ଗ , ମାମୁ , ମଉସା , ପିତୃପିତାମହ)

(ଗ) ମଧୁବାବୁଙ୍କର ମୃତ୍ୟୁ କେଉଁ ମସିହାରେ ହୋଇଥିଲା ?

(୧୯୩୦,୧୯୩୧,୧୯୩୪,୧୯୪୫ )

(ଘ) ରାଜାଙ୍କର ଜନ୍ମୋତ୍ସବ ଦିନ ଶଠ ଦୁଇଜଣ କେଉଁ ଥାଳିରେ ନୂତନ ପରିଚ୍ଛଦଟିକୁ ରଖି ଆଣିବାର ଅଭିନୟ କଲେ ?

(ମାଟିଥାଳି , ରୁପାଥାଳି, ସୁନାଥାଳି , କଂସାଥାଳି )

(ଙ) ବଣ୍ଡା ଲୋକମାନେ ଠାକୁର ଠାକୁରାଣୀଙ୍କୁ ନିଜ ପାଇଁ କ'ଣ ମାଗନ୍ତି ?

(ଟଙ୍କା ମାଗନ୍ତି , ସୁନା ମାଗନ୍ତି , ବୁଦ୍ଧି ମାଗନ୍ତି , କିଛି ମାଗନ୍ତି ନାହିଁ )

10. ‘ଗଛ ଓ କାଠୁରିଆ’ **କିମ୍ବା** ‘ଟିକିଟିକି’ କବିତାର ପ୍ରଥମ ଦଶଧାଡ଼ି ଲେଖ । **(1×5 = 05)**

## ‘ଙ’ ବିଭାଗ (ଉତ୍ତମ ପାଠକ ବୋନ୍ସ-୪) **(4×1 = 04)**

**11. ପ୍ରସ୍ତାବିତ ଗଳ୍ପ ‘ବିରଳ ପୁସ୍ତକ’କୁ ଆଧାର କରି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

(କ)ରାଜା କୃଷ୍ଣଦେବଙ୍କ ରାଜ ଦରବାରକୁ ଆସିଥିବା ବ୍ୟକ୍ତି ଜଣକ ନିଜକୁ ସବୁଠାରୁ ଜ୍ଞାନୀ କାହିଁକି ମନେ କରୁଥିଲେ?

(ଖ)ରାଜା କୃଷ୍ଣଦେବ ତେନାଲିକୁ କାହିଁକି ଡାକି ପଠାଇଲେ ?

(ଗ)ବିଦେଶୀ ଜ୍ଞାନୀ ଲୋକ ସହିତ ଆଲୋଚନା କରିବା ଦିନ ତେନାଲି କ'ଣ ଆଣି ଟେବୁଲ୍ ଉପରେ ରଖିଥିଲେ ?

(ଘ)ତେନାଲି ଆଣିଥିବା ବିରଳ ପୁସ୍ତକଟିର ନାମ କ'ଣ କହିଲେ ?

************